ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR/Food Commission(OD)/1001/7-01-2020

# ରାଜ୍ୟ ଖାଦ୍ୟ ଆୟୋଗ ଗଠନ କରିବାରେ ଓଡ଼ିଶା ଦେଶରେ ଅଗ୍ରଣୀ– ଶ୍ରୀ ମେର୍କାପ

**ଭୁବନେଶ୍ୱର :୦୭ ଜାନୁଆରୀ,୨୦୨୧**

ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗର ଅଧ୍ୟକ୍ଷ ଶ୍ରୀ ପ୍ରମୋଦ କୁମାର ମେର୍କାପ୍, ସଦସ୍ୟ ଶ୍ରୀ ଦିଗ୍‌ବିଜୟନାଥ ପାଢ଼ୀ ଏବଂ ସଦସ୍ୟା ସଚିବ ଶ୍ରୀମତୀ ଶିବାନୀ ମହାନ୍ତି ଗଣମାଧ୍ୟମକୁ ଆୟୋଗର କାର୍ଯ୍ୟକଳାପ ଏବଂ କ୍ଷମତା ଓ ଦାୟିତ୍ୱ ନେଇ ଆଜି ଭର୍ଚୁଆଲ୍ ମୋଡ୍‌ରେ ଆୟୋଜିତ ପ୍ରେସ୍‌ମିଟ୍‌ରେ ସୂଚନା ଦେଇଛନ୍ତି ।

ଅଧ୍ୟକ୍ଷ ଶ୍ରୀ ମେର୍କାପ୍ ଆୟୋଗର ଲକ୍ଷ୍ୟ ଏବଂ ଜନସାଧାରଣଙ୍କ ହିତ ପାଇଁ ଏହାର କାର୍ଯ୍ୟସୂଚୀ ଉପରେ ସୂଚନା ଦେବା ସହ ଗଣମାଧ୍ୟମ ପ୍ରତିନିଧିମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ । ଶ୍ରୀ ମେର୍କାପ୍ କହିଛନ୍ତି ଯେ ରାଜ୍ୟର ପ୍ରତିଟି ହିତାଧିକାରୀ ଯେପରି ବିନା ଦ୍ୱିଧାରେ ନିଜର ଖାଦ୍ୟସୁରକ୍ଷା ଅଧିକାରର ଲାଭ ନେଇ ପାରିବେ ସେଥି ନିମନ୍ତେ ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗ ସର୍ବଦା କାର୍ଯ୍ୟରତ ଏବଂ ତାହାର ସଫଳ କାର୍ଯ୍ୟାନ୍ୱୟନ ନିମନ୍ତେ ବିଭିନ୍ନ ପଦକ୍ଷେପ ନେଇ ଆସୁଛନ୍ତି । ପର୍ଯ୍ୟାପ୍ତ ପରିମାଣର ଗୁଣବତ୍ତାପୂର୍ଣ୍ଣ ଖାଦ୍ୟ ଲୋକଙ୍କ ପାଖରେ ପହଞ୍ଚାଇ ଜନସାଧାରଣଙ୍କୁ ଖାଦ୍ୟ ଓ ପୌଷ୍ଟିକ ସୁରକ୍ଷା ଯୋଗାଇ ଦେବା ପାଇଁ ଭାରତ ସରକାରଙ୍କ ଦ୍ୱାରା ଜାତୀୟ ଖାଦ୍ୟ ସୁରକ୍ଷା ଅଧିନିୟମ ୨୦୧୩ର ପ୍ରଣୟନ କରାଯାଇଥିଲା । ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ବିଜ୍ଞପ୍ତି ଜାରି କରାଯାଇ ନଭେମ୍ବର ୨୦୧୫ରେ ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗ ଗଠନ କରାଯାଇଛି ।  ରାଜ୍ୟ ଖାଦ୍ୟ ଆୟୋଗ ଗଠନ କରିବାରେ ଓଡ଼ିଶା ଦେଶରେ ଅଗ୍ରଣୀ ରାଜ୍ୟ ବୋଲି ଶ୍ରୀ ମେର୍କାପ୍ କହିଛନ୍ତି  ।

ଶ୍ରୀ ମେର୍କାପ୍ କହିଛନ୍ତି ଯେ ଅଧିନିୟମ ସମ୍ବନ୍ଧୀୟ ସରକାରଙ୍କ ନୀତିଗତ ନିଷ୍ପତ୍ତିର ଅନୁପାଳନ ହେଉଛି କି ନାହିଁ ତାହା ନିରୀକ୍ଷଣ କରିବା ଏବଂ ନିରୀକ୍ଷଣ କରାଇବା ସହ ଅଧିନିୟମ ଅନ୍ତର୍ଗତ ଫାଇଦା ଏବଂ ଅଧିକାର ଏବଂ ଉପକାରଗୁଡ଼ିକ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା, ଆଞ୍ଚଳିକ ଶିବିରଗୁଡ଼ିକୁ ଆୟୋଜନ କରିବା ଏବଂ ଆପତ୍ତି ପ୍ରତିକାର ନିମନ୍ତେ ପଦକ୍ଷେପଗୁଡ଼ିକୁ ତ୍ୱରାନ୍ୱିତ କରିବା ଆୟୋଗର କ୍ଷମତା ପରିସରଭୁକ୍ତ ।

ଲକ୍ଷ୍ୟଭିତ୍ତିକ ସାଧାରଣ ବଣ୍ଟନ ବ୍ୟବସ୍ଥା, ସମନ୍ୱିତ ଶିଶୁ ବିକାଶ ଯୋଜନା ଏବଂ ମଧ୍ୟାହ୍ନ ଭୋଜନ ଆଦି ୩ଟି ଯୋଜନାରେ ଯଥାର୍ଥ ଲକ୍ଷ୍ୟ ପାଇବା ପାଇଁ ହିତାଧିକାରୀମାନଙ୍କୁ ଚୟନ କରାଯାଇଛି ବୋଲି ଶ୍ରୀ ମେର୍କାପ୍ କହିଛନ୍ତି । ଲକ୍ଷ୍ୟଭିତ୍ତିକ ସାଧାରଣ ବଣ୍ଟନ ବ୍ୟବସ୍ଥା ଅନ୍ତର୍ଗତ ରାଜ୍ୟର ପ୍ରାୟ ୩ କୋଟିରୁ ଊର୍ଦ୍ଧ୍ୱ ବ୍ୟକ୍ତିମାନଙ୍କୁ ରିହାତି ଦରରେ ଖାଦ୍ୟଶସ୍ୟ ପ୍ରଦାନ କରାଯାଇଛି । ସମନ୍ୱିତ ଶିଶୁ ବିକାଶ ଯୋଜନାରେ ପ୍ରାୟ ୭୨ ହଜାର ଅଙ୍ଗନବାଡ଼ି କେନ୍ଦ୍ରରେ ଆପାତତଃ ୪୧ ଲକ୍ଷ ଶିଶୁ ଓ ଗର୍ଭବତୀ ମହିଳାମାନେ ଉପକୃତ ହେଉଛନ୍ତି ଏବଂ ମଧ୍ୟାହ୍ନ ଭୋଜନ ଯୋଜନା ଅନ୍ତର୍ଗତ ପ୍ରାୟ ୫୫ ହଜାର ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଆପାତତଃ ୪୫ ଲକ୍ଷ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଇଛି । କୋଭିଡ୍–୧୯ ମହାମାରୀ ପାଇଁ ବିଦ୍ୟାଳୟଗୁଡ଼ିକ ବନ୍ଦ ଥିବା ସମୟରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଖାଦ୍ୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି ।

ଲକ୍ଷ୍ୟଭିତ୍ତିକ ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ୨୦୨୦ ଜୁନ୍‌ରେ ଓଡ଼ିଶା ରାଜ୍ୟ ଖାଦ୍ୟ ସୁରକ୍ଷା ନିୟମାବଳୀ, ୨୦୨୦ ପ୍ରଣୟନ କରାଯାଇଛି । ଆଭ୍ୟନ୍ତରୀଣ ଅଭିଯୋଗ ପ୍ରତିକାର ସଂକ୍ରାନ୍ତରେ ରାଜ୍ୟ ସରକାର ଜିଲ୍ଲା ଏବଂ ବ୍ଲକ୍‌ସ୍ତରରେ ନୋଡାଲ୍ ଅଫିସର ନିଯୁକ୍ତ କରିଛନ୍ତି ଏବଂ ସେମାନଙ୍କର ଦାୟିତ୍ୱ ସୁନିଶ୍ଚିତ କରାଯାଇଛି ବୋଲି ଶ୍ରୀ ମେର୍କାପ୍ ପ୍ରକାଶ କରିଛନ୍ତି ।

ଶ୍ରୀ ମେକାପ କହିଛନ୍ତି ଯେ ଯଦି କୌଣସି ହିତାଧିକାରୀ ତାଙ୍କର ପ୍ରାପ୍ୟ ପାଇବାରୁ ବଞ୍ଚିତ ହୁଅନ୍ତି ସେମାନେ ନିଜ ଜିଲ୍ଲାର ଜିଲ୍ଲା ଅଭିଯୋଗ ଶୁଣାଣି ଅଧିକାରୀ (ପ୍ରକଳ୍ପ ନିର୍ଦ୍ଦେଶକ)ଙ୍କ ପାଖରେ ନିର୍ଦ୍ଦିଷ୍ଟ ଅଭିଯୋଗ ଦରଖାସ୍ତ ଫର୍ମ–କ ରେ ଆବେଦନ କରିପାରିବେ । ଏହି ଫର୍ମ ଓଡ଼ିଶା ସରକାରଙ୍କ ୱେବ୍‌ସାଇଟ୍ www.foododisha.in ଏବଂ ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗଙ୍କର ୱେବ୍‌ସାଇଟ୍ www.odishafoodcommission.nic.inରେ ଉପଲବ୍ଧ ହେଉଛି । ଜିଲ୍ଲା ଅଭିଯୋଗ ଶୁଣାଣି ଅଧିକାରୀ ଏହି ଆବେଦନକାରୀଙ୍କର ଆବେଦନକୁ ସର୍ବାଧିକ ୯୦ ଦିନ ମଧ୍ୟରେ ଫଇସଲା କରିବେ । ଯଦି କୌଣସି ବ୍ୟକ୍ତି ଜିଲ୍ଲା ଅଭିଯୋଗ ଶୁଣାଣି ଅଧିକାରୀଙ୍କ ଫଇସଲାରେ ଅସନ୍ତୋଷ ବ୍ୟକ୍ତ କରନ୍ତି ତେବେ ସେ ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗଙ୍କ ପାଖରେ ଜିଲ୍ଲା ଅଭିଯୋଗ ଶୁଣାଣି ଅଧିକାରୀଙ୍କ ରାୟ ବିରୋଧରେ ୩୦ ଦିନ ମଧ୍ୟରେ ଅପିଲ କରିପାରିବେ । ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗ ଉକ୍ତ ଅପିଲକୁ ୬୦ ଦିନ ମଧ୍ୟରେ ଫଇସଲା କରିବେ । ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅନ୍ତର୍ଗତ ପ୍ରତ୍ୟେକ କାର୍ଯ୍ୟାଳୟ ସାଧାରଣ ବଣ୍ଟନ ଦୋକାନ, ଜିଲ୍ଲା ଅଭିଯୋଗ ଶୁଣାଣି ଅଧିକାରୀଙ୍କ କାର୍ଯ୍ୟାଳୟରେ ଜିଲ୍ଲା ଅଭିଯୋଗ ଶୁଣାଣି ଅଧିକାରୀଙ୍କ ନାମ, ମୋବାଇଲ୍ ନଂ, ଇ–ମେଲ୍, ଫାକ୍ସ ନଂ ସାଧାରଣ ଲୋକଙ୍କ ସୁବିଧା ନିମନ୍ତେ ଉପଲବ୍ଧ କରାଯିବ । ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗ ଏଥି ସକାଶେ ସମସ୍ତ ଜିଲ୍ଲାପାଳଙ୍କୁ ସଚେତନ କରାଇଛନ୍ତି ଏବଂ ଜିଲ୍ଲାପାଳ ଓ ଅନ୍ୟ ଜିଲ୍ଲା ଅଧିକାରୀମାନଙ୍କ ସହ ସମୀକ୍ଷା ବୈଠକରେ ଏହି ସଂକ୍ରାନ୍ତରେ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ।

ବଣ୍ଟନ ବ୍ୟବସ୍ଥାରେ ସ୍ୱଚ୍ଛତା ନିମନ୍ତେ ରାଜ୍ୟ ସରକାର ସାମାଜିକ ସମୀକ୍ଷା ପାଇଁ ଆବଶ୍ୟକ ବ୍ୟବସ୍ଥା କରିଛନ୍ତି ଏବଂ ସ୍ୱଚ୍ଛତା ଓ ପାରଦର୍ଶିତା ପାଇଁ ରାଜ୍ୟ ସରକାର ବିଭିନ୍ନ ସ୍ତରରେ ସତର୍କତା କମିଟି ଗଠନର ବ୍ୟବସ୍ଥା କରିଛନ୍ତି ବୋଲି ଶ୍ରୀ ମେର୍କାପ୍ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।।

ଦୀପ୍ତିମୟୀ ମହାପାତ୍ର
ସୂଚନା ଅଧିକାରୀ